## ମା’ ଭଦ୍ରକାଳୀ ମନ୍ଦିରରୁ ଚୋରି ରାତିର କାହାଣୀ ବଖାଣିଲା ଅଭିଯୁକ୍ତ

# ଆଲୁଅ ଧପଧପ ହେଲା, ବିରାଟ ଛାଇ ଗୋଡ଼ାଇଲା




ଭଦ୍ରକ, ୧୦।୪ (ସମିସ): “ମନ୍ଦିର ଭିତରେ ପ୍ରଥମେ ପାଉଁଜିର ଝନଝନ୍ ଶବ୍ଦ ହେଲା। ସତେଯେମିତି କିଏ ମୋ ଆଡ଼କୁ ଚାଲିଚାଲି ଆସୁଛି ବୋଲି ଲାଗିଲା। ଏହାର କିଛି ସମୟ ପରେ ମନ୍ଦିରରେ ଯେତିକି ଆଲୁଅ ଲାଗିଥିଲା, ସବୁ ଧପଧପ ହେବାକୁ ଲାଗିଲା। ବାହାରେ ଜଗି ରହିଥିବା ସାଙ୍ଗକୁ ଯେତେ ଡାକିଲେ ବି ତାକୁ ଶୁଭାଗଲାନି। ତେଣୁ, ମା’ଙ୍କ ଅଳଙ୍କାର ଛାଡ଼ି ହୁଣ୍ଡିବାକ୍ସ ଭାଙ୍ଗି ଯେତିକି ପାରିଲି ସେତିକି ଟଙ୍କା ଧରି ଗେଟ୍ ଚଢ଼ି ବାହାରକୁ ଚାଲି ଆସିଲି। ବାହାରକୁ ଆସିବା ପରେ ଏକ ବିରାଟ ଛାଇ ଯେମିତି ଆମ ଆଡ଼କୁ ମାଡ଼ି ଆସିଲା। କେମିତି ସେଠାରୁ ପଳାଇ ଆସିବୁ, କିଛି ବୁଦ୍ଧିବାଟ ଦିଶିଲାନି। ଏକା ନିଃଶ୍ୱାସରେ ଦୌଡ଼ି ସେଠାରୁ ପଳାଇ ଆସିଲୁ। କେତେ ଚୋରି କଲୁ, କେତେ ରହିଗଲା, ସେଥିପ୍ରତି ଜମାରୁ ନଜର ନଥିଲା।” ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀ ମନ୍ଦିରରୁ ଚୋରି କରିଥିବା ୨ ଚୋରଙ୍କ ସେଦିନ ରାତିର ଏପରି ଛାତିଥରା ଅନୁଭୂତି ଏବେ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ପୁଲିସର ସିନ୍-ରିକ୍ରିଏସନ୍ ବେଳେ ୨ ଚୋର ପୁଲିସ ଆଗରେ କହିଥିବା ଏହି ଅଲୌକିକ ଘଟଣାର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି।

ଗିରଫ ହୋଇଥିବା ଦୁଇ ଯୁବକଙ୍କ ମଧ୍ୟରୁ ଜଣଙ୍କ କହିବା କଥା, ଘୋଡ଼ାମେଳଣ ଦେଖିବାକୁ ସେମାନେ ଭଦ୍ରକାଳୀ ନିକଟସ୍ଥ ଆହାରପଦା ମହାରଣା ସାହିର ଜଣେ ସଂପର୍କୀୟଙ୍କ ଘରେ ରହିଥିଲେ। ରାତିରେ ଘୋଡ଼ାମେଳଣ ଦେଖିବା ବେଳେ ମନ୍ଦିର ହୁଣ୍ଡିରେ ଲୋକମାନେ ଦାନ ଟଙ୍କା ପକାଉଥିବା ଦେଖି ସେମାନଙ୍କର ଲୋଭ ହୋଇଥିଲା ଏବଂ ସେମାନେ ଚୋରି କରିବାକୁ ଯୋଜନା କରିଥିଲେ। ସେଦିନ ରାତିରେ ଜଣେ ଯୁବକ ମନ୍ଦିରର ପଛପାଖ ଗେଟ୍ ପାଖରେ ଛକି ରହିଥିବା ବେଳେ ଅନ୍ୟ ଜଣେ ଗେଟ୍ ଉପରେ ଚଢ଼ି ଭିତରକୁ ଯାଇଥିଲା। ପ୍ରଥମେ ସେ ମା’ଙ୍କ କୋଠଘର ଆଲମିରା ତାଲା ଭାଙ୍ଗିଥିଲା। ସେହି ସମୟରେ କେହି ଆସିବା ପରି ଜଣାପଡ଼ିବା ସହ ପାଉଁଜି ଶବ୍ଦ ଶୁଭିଥିଲା। ଲାଇଟ୍ ମଧ୍ୟ ଧପ୍‌ଧପ୍ ହୋଇଥିଲା। ଏଥିରେ ସେ ଭୟଭୀତ ହୋଇଯାଇଥିଲା। ସେଥିପାଇଁ ମା’ଙ୍କ ଅଳଙ୍କାରକୁ ଛାଡ଼ି ପଳାଇ ଆସିଥିଲା। ପରେ ସେ ବାହାରେ ଛକିଥିବା ସହଯୋଗୀକୁ ଡାକିଥିଲା। କିନ୍ତୁ ସେ ପ୍ରତ୍ୟୁତ୍ତର ଦେଇନଥିଲା। ତେଣୁ, ଅନ୍ୟ ଉପାୟ ନ ପାଇ କେବଳ ହୁଣ୍ଡି ଭାଙ୍ଗି ଟଙ୍କା ନେଇ ମା’ଙ୍କ ଲୁଗାରେ ବାନ୍ଧି ଗେଟ୍ ଉପରେ ଚଢ଼ି ବାହାରକୁ ବାହାରି ଆସିଥିଲା। ବାହାରକୁ ଆସିବା ପରେ ଏକ ବିରାଟ ଛାଇ ସେମାନଙ୍କ ଆଡ଼କୁ ମାଡ଼ି ଆସିଥିଲା। ଏଥିରେ ଭୟଭୀତ ହୋଇ ଦୁହେଁ ଦୌଡ଼ି ପଳାଇବା ବେଳେ କିଛି ଟଙ୍କା ସେଠାରେ ଗଳି ପଡ଼ିଥିଲା। ସେମାନଙ୍କ ଏହି ଅନୁଭୂତି ଏବେ ସୋସିଆଲ ମିଡିଆରେ ଖୁବ ଭାଇରାଲ୍ ହେଉଛି।

ପ୍ରକାଶଥାଉ କି, ଚୋରି ନେଇ ମନ୍ଦିର ଟ୍ରଷ୍ଟି ଉପଜିଲ୍ଲାପାଳଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଥିଲା। ଏନେଇ ଏସ୍‌ପି ମନୋଜ ରାଉତ କହିଛନ୍ତି ମା’ ଭଦ୍ରକାଳୀ ସ୍ଥାନୀୟ ଲୋକଙ୍କ ଅଧିଷ୍ଠାତ୍ରୀ ଦେବୀ ହୋଇଥିବାରୁ ଏହି ଚୋରି ବାହାର ଲୋକ କରିଥିବେ। ଏହି ଆଧାରରେ ତଦନ୍ତ କରାଯାଇ ଗଦି ସାମନ୍ତରାୟପୁରର ୨ଯୁବକ ଆହାରପଦା ମହାରଣା ସାହିରେ ଗତ ୩-୪ ଦିନ ପୂର୍ବରୁ ରହିଥିଲେ। ସେମାନଙ୍କ ହାବଭାବ ସନ୍ଦେହଜନକ ଥିବା ସ୍ଥାନୀୟ ଲୋକଙ୍କଠାରୁ ଜଣାପଡ଼ିଥିଲା। ପରେ ୨ ଯୁବକ ଦୀପୁନ ବେହେରା ଓ ସିପୁନ ବାରିକଙ୍କୁ ପୁଲିସ ଥାନାକୁ ଆଣି ପଚରାଉଚରା କରିଥିଲା। ସେମାନେ ଚୋରି କରିଥିବା ସ୍ୱୀକାର କରିଥିଲେ।

# ରାଜଧାନୀରେ ଠାକୁର ବି ଅସୁରକ୍ଷିତ

**ରାତିକରେ ୩ ମନ୍ଦିରରୁ ଚୋରି ■ ସୁନାମୂର୍ତ୍ତି ସହ ଦେଢ଼ କୋଟି ଟଙ୍କାର ଅଳଙ୍କାର ନେଇଗଲେ**

ନନ୍ଦନକାନନ/ଭୁବନେଶ୍ୱର, ୧୦।୪ (ସମିସ): ରାଜଧାନୀରେ ଠାକୁର ବି ଅସୁରକ୍ଷିତ। ଚୋରଙ୍କ ନଜର ଏବେ ଠାକୁରଙ୍କ ଅଳଙ୍କାର, ଦାନହୁଣ୍ଡି ଉପରେ ପଡ଼ିଛି। ଗୁରୁବାର ବିଳମ୍ବିତ ରାତିରେ ପଟିଆ ଅଞ୍ଚଳର ୩ ମନ୍ଦିରରୁ ସିରିଜ୍ ଚୋରି ହୋଇଛି। ଶୁକ୍ରବାର ସକାଳୁ ଏ ସମ୍ପର୍କରେ ଜଣାପଡ଼ିବା ପରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ହେବାକୁ ଏପର୍ଯ୍ୟନ୍ତ ୨୪ ଘଣ୍ଟା ବିତିଗଲାଣି, ହେଲେ ପୁଲିସ ଏ ପର୍ଯ୍ୟନ୍ତ ଚୋର କିମ୍ବା ଚୋରି ସାମଗ୍ରୀର ପତ୍ତା ପାଇପାରିନାହିଁ।

ମିଳିଥିବା ସୂଚନା ମୁତାବକ, ଚନ୍ଦ୍ରଶେଖରପୁର ଥାନାଠୁ ମାତ୍ର

### ସିସିଟିଭିରେ କଏଦ୍ ୪ ଦୁର୍ବୃତ୍ତଙ୍କ ଚେହେରା

୧୫ଶହ ମିଟର ଦୂରରେ ଏଭଳି ସିରିଜ୍ ଚୋରି ହୋଇଛି। ମାତ୍ର କିଛି ଘଣ୍ଟା ଭିତରେ ଦୁର୍ବୃତ୍ତମାନେ ପଟିଆ ଗାଁରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିର, ମା’ କନକଦୁର୍ଗା ମନ୍ଦିର ଏବଂ ମା’ ଶିଖରଚଣ୍ଡୀ ମନ୍ଦିରର ତାଲା ଭାଙ୍ଗି ସୁନା ମୂର୍ତ୍ତି, ସୁନା ଅଳଙ୍କାର, ରୁପା ଗହଣା ସମେତ ଦାନହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଚୋରି କରିନେଇଛନ୍ତି। ଚୋରି ସାମଗ୍ରୀର ମୂଲ୍ୟ ଦେଢ଼ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା ବୋଲି ଚନ୍ଦ୍ରଶେଖରପୁର ଥାନାଧିକାରୀ ଗିରୀଶ ଚନ୍ଦ୍ର ମହାରଣା କହିଛନ୍ତି।

ପଟିଆ ଜଗନ୍ନାଥ ମନ୍ଦିର ପଛପଟରେ ରହିଛି ପଟିଆ ରାଜାଙ୍କ ଅମଳର ପୁରାତନ ମା’ କନକଦୁର୍ଗା ମନ୍ଦିର। ଏଠାରେ ମାଆଙ୍କ ସୁନା ମୂର୍ତ୍ତି ପୂଜା ପାଉଥିଲା। ପୂଜକ ବିଭୂତି ଭୂଷଣ ଶତପଥୀ ଶୁକ୍ରବାର ସକାଳେ ପୂଜା କରିବାକୁ ଆସିବା ବେଳକୁ ମନ୍ଦିରରେ ମା’ଙ୍କ ମୂର୍ତ୍ତି ନଥିଲା। ମନ୍ଦିର କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ମା’ଙ୍କ ମୂର୍ତ୍ତି ଚୋରି କରିନେଇଛନ୍ତି। ମା’ କନକ ଦୁର୍ଗାଙ୍କ ମୂର୍ତ୍ତି ବ୍ୟତୀତ ସୁନା ଆଖି, ରୁପା ମୁକୁଟ, ରୁପା ହାର, ଦୁଇଟି ରୁପା ନାଥୁନି, ୨ ରୁପା ମଥାମଣି, ରୁପା ପାଉଁଜି, ୨ଟି ନାକର, ରୁପା ଖଟୁଲି, ରୁପା ଛତ୍ର ଏବଂ ୧୦ ହଜାର ଟଙ୍କା ଚୋରି ହୋଇଛି ବୋଲି ଶ୍ରୀ ଶତପଥୀ ଅଭିଯୋଗରେ ଦର୍ଶାଇଛନ୍ତି।

ସେହିପରି ପଟିଆ ରେଳ ଷ୍ଟେସନ ନିକଟସ୍ଥ ପଟିଆ ଗାଁ ଷଣ୍ଡ ଛକ ନିକଟରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରରୁ ମଧ୍ୟ ଚୋରି ହୋଇଛି। ପୂଜକ ପ୍ରସନ୍ନ କୁମାର ପଣ୍ଡା ସକାଳୁ ପୂଜା କରିବାକୁ ଆସିଲା ବେଳେ ଦେଖିଥିଲେ ଯେ ମନ୍ଦିର ବେଢ଼ା ଗେଟ୍ ତାଲା ଭାଙ୍ଗି ତଳେ ପଡ଼ିଛି। ମନ୍ଦିର କବାଟ ତାଲା କୁହୁଣ୍ଡା ଭାଙ୍ଗିଯାଇଛି। ଏହାସହ ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ ଦେହରେ ଲାଗିଥିବା ଅଳଙ୍କାର ସବୁ ଚୋରି ହୋଇଯାଇଛି।



ଅନ୍ୟପକ୍ଷରେ, ପଟିଆ ଗାଁରୁ ଡମଣା ଗାଁ ଆଡ଼କୁ ଯିବା ରାସ୍ତାରେ ଥିବା ମା’ ଶିଖରଚଣ୍ଡୀ ମନ୍ଦିରରୁ ମଧ୍ୟ ଚୋରି ହୋଇଛି। ଚୋରାମାନେ ମନ୍ଦିରର ତାଲା ଭାଙ୍ଗି ମା’ଙ୍କର ୩ଟି ରୁପା ମୁକୁଟ ଏବଂ ହୁଣ୍ଡିରେ ଥିବା ପ୍ରାୟ ୧୫ ହଜାର ଟଙ୍କା ଚୋରି କରି ନେଇଛନ୍ତି। ମନ୍ଦିର ଭିତରେ ରହୁଥିବା ଜଣେ ବ୍ୟକ୍ତି ମୁରଲୀଧର ପାଣିଙ୍କୁ ଏକ ଘରେ ବାହାର ପଟୁ ତାଲା ପକାଇ ଦୁର୍ବୃତ୍ତମାନେ ଚୋରି କରିଥିଲେ। ଗ୍ରାମର ଯୁବକ ସ୍ୱାଧୀନ ବେହେରାଙ୍କ କହିବା ଅନୁସାରେ, ଶିଖରଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ରହୁଥିବା ମୁରଲୀଧର ପାଣି ରାତି ସାଢ଼େ ୪ଟା ସୁଦ୍ଧା ତାଙ୍କୁ ଫୋନ କରିଥିଲେ। ତାଙ୍କୁ କିଏ ବାହାର ପଟୁ କବାଟ ଦେଇଦେଇଛନ୍ତି। ସ୍ୱାଧୀନ ଆସି କବାଟ ଖୋଲିବାରୁ ମୁରଲୀ ବାହାରକୁ ଆସିଥିଲେ। ସିସିଟିଭିରେ ୪ଜଣ ଚୋରଙ୍କ ଚେହେରା କଏଦ୍ ହୋଇଛି। ଚୋରମାନେ ପ୍ରାୟ ଗୋଟାଏରୁ ୨ଟା ଭିତରେ ୩ଟି ଯାକ ମନ୍ଦିରରୁ ଚୋରି କରିଛନ୍ତି।

# ଜଳିବ ପଶ୍ଚିମ ଓଡ଼ିଶା

ଭୁବନେଶ୍ୱର, ୧୦।୪ (ସମିସ): ରାଜ୍ୟରେ କାଳବୈଶାଖୀର ପ୍ରଭାବ ହ୍ରାସ ପାଇଛି। ଶନିବାରଠାରୁ ଏହା ଆହୁରି କମିବ। କାଳବୈଶାଖୀ କମିବା ସହ ତାପମାତ୍ରାରେ ବୃଦ୍ଧି ଘଟିବ। ବିଶେଷ କରି ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ବଢ଼ିବ ଏପ୍ରିଲ ଦ୍ୱିତୀୟ ସପ୍ତାହ ଶେଷ ଆଡ଼କୁ ଏଠାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୪-୬ ଡିଗ୍ରୀ ଉପରେ ରହିବ। ତାପମାତ୍ରା ବୃଦ୍ଧି ନେଇ ପାଣିପାଗ କେନ୍ଦ୍ର ଆକଳନ କରିବା ସହ ଆସନ୍ତା ୧୩ ତାରିଖ ବେଳକୁ ବଲାଙ୍ଗିରରେ ତାପମାତ୍ରା ୪୬ ଡିଗ୍ରୀ ଛୁଇଁବା ସହ ବରଗଡ଼ ଓ ସମ୍ବଲପୁରରେ ତାପମାତ୍ରା




୪୫ ଡିଗ୍ରୀ ଛୁଇଁବା ଆଶଙ୍କା କରିଛି। ସେହିପରି ୧୪ରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ସହ ଏହି ଦୁଇ ଦିନ ପାଇଁ କେନ୍ଦ୍ର ପକ୍ଷରୁ ହିଟ୍ ୱେଭ୍ ଆଲର୍ଟ ଜାରି ହୋଇଛି।

ଅନ୍ୟପଟେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଆଗାମୀ ୫ ଦିନ ମଧ୍ୟରେ ରାଜ୍ୟର ତାପମାତ୍ରାରେ ଧୀରେ ଧୀରେ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଘଟିବ। ଆସନ୍ତା ସପ୍ତାହ ଆରମ୍ଭରୁ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକ ମଧ୍ୟରେ ପାଣିପାଗର ବଡ଼ ପାର୍ଥକ୍ୟ ଦେଖାଯିବା ସହ ଉପକୂଳରେ ଅଧିକ ଆର୍ଦ୍ରତା ଯୋଗୁଁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ, ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରାରେ ବଡ଼ ଧରଣର ବୃଦ୍ଧି ଘଟିବ। ବାୟୁ ପ୍ରବାହର ଦିଗ ପରିବର୍ତ୍ତନ ହୋଇ ଉତ୍ତର-ପଶ୍ଚିମ ଦିଗରୁ କେନ୍ଦ୍ରୀୟ ଭାରତର ସମତଳ ଅଞ୍ଚଳରୁ ଶୁଷ୍କ ଓ ଗରମ ବାୟୁପବନ ବହିବ। ଏହାଦ୍ୱାରା ସାରା ରାଜ୍ୟରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବ। ଏପ୍ରିଲ ୧୩ ତାରିଖ ବେଳକୁ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁପାରେ। ଉପକୂଳ ଜିଲ୍ଲାଗୁଡ଼ିକରେ ଏହା ୩୫-୩୭ ଡିଗ୍ରୀ ମଧ୍ୟରେ ରହିବ। ଭୁବନେଶ୍ୱର ଓ କଟକରେ ଏପ୍ରିଲ ୧୪ ସୁଦ୍ଧା ତାପମାତ୍ରା ୩୭ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

# ବିଦ୍ୟାଳୟରେ ଏଆଇ ଶିକ୍ଷାଦାନ ‘କାନ୍ଥ ନଥାଇ ଛାତ’ ସଦୃଶ: କଂଗ୍ରେସ

ଭୁବନେଶ୍ୱର, ୧୦।୪(ସମିସ): ବିଦ୍ୟାଳୟରେ ଏ.ଆଇ ଆଧାରିତ ଶିକ୍ଷାଦାନ ପାଇଁ ରାଜ୍ୟ ସରକାର ପ୍ରାୟ ହଜାରେ କୋଟିର ଟେଣ୍ଡର୍ କରିଛନ୍ତି। ଏଆଇ କ୍ଷମତାଯୁକ୍ତ ଡିଜିଟାଲ ଆସେସ୍‌ମେଣ୍ଟ ସହ ଭର୍ଚୁଆଲ କ୍ଲାସ୍‌ରୁମ୍ ପାଇଁ ଓକାକ୍ ପକ୍ଷରୁ ଟେଣ୍ଡର୍ ଆହ୍ୱାନ କରାଯାଇଛି। ବିଦ୍ୟାଳୟରେ ପଢ଼ିବା ପାଇଁ ସର୍ବନିମ୍ନ ଆବଶ୍ୟକତା ଉପଲବ୍ଧ ନଥିବା ବେଳେ ସରକାର ପ୍ରାୟ ହଜାରେ କୋଟି କାହା ସ୍ୱାର୍ଥରେ ଓ କାହିଁକି ଖର୍ଚ୍ଚ କରିବେ ବୋଲି ଆଜି କଂଗ୍ରେସ ନେତା ସୟଦ ୟାସିର ନୱାଜ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏହା ‘କାନ୍ଥ ନଥାଇ ଛାତ’ ସଦୃଶ ବୋଲି କଟାକ୍ଷ କରିବା ସହ ସରକାରଙ୍କ ଏହି ନିଷ୍ପତ୍ତିକୁ କାଠଗଡ଼ାରେ ଠିଆ କରିଛନ୍ତି।

ସେ କହିଛନ୍ତି ଯେ ପ୍ରାୟ ୫୦ ହଜାର ସ୍କୁଲରେ ଶିକ୍ଷକ ମରୁଡ଼ି ପଡ଼ିଛି। ୨୦ ହଜାର ସ୍କୁଲରେ ବେଞ୍ଚ-ଡେସ୍କ ନ ଥିବାରୁ ପିଲାମାନେ ତଳେ ବସୁଛନ୍ତି। ୧୫ଶହ ସ୍କୁଲରେ ବିଜୁଳି ନାହିଁ। ୧୭୬୩ ସ୍କୁଲରେ କୋଠା ବିପଦ ସଂକୁଳରେ ଅଛି। ମାତ୍ର ୩.୯ ପ୍ରତିଶତ ସ୍କୁଲରେ ଡେସ୍କଟପ୍ ଅଛି। କମ୍ପ୍ୟୁଟର ଶିକ୍ଷକ ନ ଥିବାରୁ ସ୍କୁଲରେ କମ୍ପ୍ୟୁଟର ଖତ ଖାଉଛି। ମାତ୍ର ୨୫.୭ ପ୍ରତିଶତ ସ୍ମାର୍ଟ କ୍ଲାସରୁମ୍ କାର୍ଯ୍ୟକ୍ଷମ ଥିବା ବେଳେ ୨୯ ପ୍ରତିଶତ ସ୍କୁଲରେ ମୋବାଇଲ ବ୍ୟବହାର କରି ଶିକ୍ଷାଦାନ କରାଯାଉଛି। ଯେଉଁଠାରେ ମୌଳିକ ଭିତ୍ତିଭୂମି ନାହିଁ, ସେଠାରେ ପାଖାପାଖି ୧୦୦୦କୋଟି ଟଙ୍କା ବ୍ୟୟରେ ଏଆଇ କ୍ଷମତାଯୁକ୍ତ ଡିଜିଟାଲ ଆସେସ୍‌ମେଣ୍ଟ ସହ ଭର୍ଚୁଆଲ କ୍ଲାସ୍‌ରୁମ୍ କେତେ ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛନ୍ତି। ଶିକ୍ଷା ବ୍ୟବସ୍ଥାକୁ ନ ସଜାଡି କେବଳ ଟଙ୍କା ହରିଲୁଟ୍ ଉଦ୍ଦେଶ୍ୟରେ ଏପରି କରାଯାଉଥିବା ଶ୍ରୀ ନୱାଜ କହିଛନ୍ତି। ଏପରିକି ସେଲ୍‌କନ୍ ଇମ୍‌ଟେକ୍ସ ପ୍ରାଇଭେଟ ଲିମିଟେଡ୍ ନାମକ ଏକ ସଂସ୍ଥାକୁ କାର୍ଯ୍ୟ ଦେବା ପାଇଁ ସରକାରୀ ଉଦ୍ୟମ ହେଉଥିବା ଅଭିଯୋଗ କରିଛନ୍ତି। କମ୍ପାନୀର ବିଶ୍ୱସନୀୟତା ନେଇ ମଧ୍ୟ ସେ ପ୍ରଶ୍ନ କରିବା ସହ ଟେଣ୍ଡର ବାତିଲ୍ କରିବାକୁ ଦାବି କରିଛନ୍ତି। ଅନ୍ୟଥା ୭୨ ଘଣ୍ଟା ମଧ୍ୟରେ ଯୁବ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗୋପନ ମାର୍ଥା, ସ୍ୱାର୍ଗତ କର, ଜାଭେଦ ଅଖତର୍ ପ୍ରମୁଖ ଉପସ୍ଥିତ ଥିଲେ।

**ଭିତ୍ତିଭୂମି ସଜାଡ଼ିବା ପୂର୍ବରୁ ୧୦୦୦ କୋଟି କାହା ସ୍ୱାର୍ଥରେ**

**ଅର୍ଥ ଆତ୍ମସାତ୍ କରିବାକୁ ମନ୍ତ୍ରୀ ସଚିବଙ୍କ ଷଡଯନ୍ତ୍ର ଅଭିଯୋଗ**

# ସମ୍ବଲପୁର ମହିଳା କଲେଜରେ ଛାତ୍ରୀ ନିର୍ଯାତନା

ସମ୍ବଲପୁର, ୧୦।୪(ସମିସ): ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଓ ସେମାନଙ୍କୁ ମାନସିକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସବୁ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜଣେ ନୁହେଁ, ପାଞ୍ଚ ପାଞ୍ଚଜଣ ଛାତ୍ରୀ ଇଂରାଜୀ ବିଭାଗର ଜଣେ ଅଧ୍ୟାପକଙ୍କ ବିରୋଧରେ ଏପରି ସଂଗିନ୍ ଅଭିଯୋଗ ଆଣିଛନ୍ତି। ସମ୍ପୃକ୍ତ ଅଧ୍ୟାପକଜଣଙ୍କ ଜଣେ ଅଭ୍ୟାସଗତ ଦୁର୍ବ୍ୟବହାରକାରୀ ବୋଲି କୁହାଯାଉଛି। ତାଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ଆସିବା ପରେ ତାଙ୍କୁ ସୁନ୍ଦରଗଡ଼ କଲେଜରୁ ବଦଳି କରାଯାଇଥିଲା। ତେବେ ଏଭଳି ଜଣେ ଅଧ୍ୟାପକଙ୍କୁ କାହିଁକି ଓ କିପରି ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟକୁ ବଦଳି କରାଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ, ଏହି ମାମଲାର ତଦନ୍ତ ପାଇଁ କଲେଜର ୪ଟି କମିଟିକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ମଧ୍ୟ ମହାବିଦ୍ୟାଳୟକୁ ଆସି ଏହି ମାମଲାର ତଦନ୍ତ କରିଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ଗତ ୧୯ ତାରିଖରେ ପାଞ୍ଚଜଣ ଛାତ୍ରୀଙ୍କୁ

**ଇଂରାଜୀ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ଆଣିଲେ ୫ ଛାତ୍ରୀ**

ସମ୍ପୃକ୍ତ ଇଂରାଜୀ ବିଭାଗ ଅଧ୍ୟାପକ ଅଶ୍ଳୀଳ ଟିପ୍ପଣୀ କରି ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ। ଅଭିଯୋଗକାରୀ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀ ରହିଛନ୍ତି। ଗୋଟିଏ ଅଭିଯୋଗ ପତ୍ରରେ ଜଣେ ଏବଂ ଅନ୍ୟ ଏକ ଅଭିଯୋଗପତ୍ରରେ ୪ଜଣ ଛାତ୍ରୀ ସମ୍ପୃକ୍ତ ଇଂରାଜୀ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି। ଏପରିକି, ଇଂରାଜୀ ବିଭାଗର ଜଣେ ଅଧ୍ୟାପିକା ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଧକ୍ଷଙ୍କୁ ଅଭିଯୋଗ ଜଣାଇଛନ୍ତି। ଉକ୍ତ ଅଧ୍ୟାପକଜଣଙ୍କ ଗତ ପ୍ରାୟ ୩ ବର୍ଷ ହେଲା ଏହି ମହାବିଦ୍ୟାଳୟରେ ଅଧ୍ୟାପନା କରୁଛନ୍ତି। ପୁଣି ଅଭିଯୋଗ ପରେ ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କୁ କ୍ଲାସ ନେବା ପାଇଁ ଅନୁମତି ଦିଆଯାଇଛି। ଏପରିସ୍ଥଳେ ଅଭିଯୋଗ କରିଥିବା ଛାତ୍ରୀମାନେ ଭୟଭୀତ ଅବସ୍ଥାରେ ରହିଥିବା କୁହାଯାଉଛି। କିଛି ଛାତ୍ରୀଙ୍କୁ ପ୍ରଭାବିତ କରି ତାଙ୍କ ସପକ୍ଷରେ କହିବାକୁ ସମ୍ପୃକ୍ତ ଅଧ୍ୟାପକ ଉଦ୍ୟମ କରୁଥିବା ମଧ୍ୟ ଅଭିଯୋଗ ହୋଇଛି।

# କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମିଳୁନି ଏଇଇ ଚାକିରି

ଭୁବନେଶ୍ୱର, ୧୦।୪(ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରିଚାଳିତ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ) ଚାକିରି ଆଶାରେ କୋର୍ଟ ଦୌଡୁଛନ୍ତି ଆଶାୟୀ। ହାଇକୋର୍ଟଙ୍କ ରାୟ ଅନୁଯାୟୀ ଆଶାୟୀଙ୍କୁ ନିଯୁକ୍ତି ଦେବା ପରିବର୍ତ୍ତେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ଓପିଏସ୍‌ସି। ସର୍ବୋଚ୍ଚ କୋର୍ଟ ସୁପ୍ରିମ୍ ରାୟ ଦେଇ ଓପିଏସ୍‌ସିର ଆବେଦନକୁ ଅଗ୍ରାହ୍ୟ କରିଛନ୍ତି। ଏହାସତ୍ତ୍ୱେ ସେମାନଙ୍କ ମେଧା ତାଲିକା ସଂଶୋଧନ କରାଯାଉନି କି ଆଶାୟୀ ପ୍ରାର୍ଥୀଙ୍କୁ ନିଯୁକ୍ତି ମିଳୁନି। ଫଳରେ ମେଧାବୀ ଛାତ୍ରଛାତ୍ରୀମାନେ ମାନସିକ ଭାବେ ନିର୍ଯାତିତ ହେବା ସହ ଅନିଶ୍ଚିତତା ଭିତରେ କାଳାତିପାତ କରୁଛନ୍ତି।

**ମାମଲା ଲଢ଼ି ଲଢ଼ି ଆଶାୟୀ ନିରାଶ**

ସୂଚନା ଅନୁଯାୟୀ, ଜଳ ସମ୍ପଦ ବିଭାଗରେ ଏଇଇ ପଦ ପାଇଁ ୨୦୧୫ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତହିଁରେ ୫୦ ପ୍ରତିଶତରୁ ଅଧିକ ସିଟ୍ ସଂରକ୍ଷଣ ରଖାଯାଇଥିବାରୁ ସାଧାରଣ ବର୍ଗର ଆଶାୟୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣୀ କରି ହାଇକୋର୍ଟ ନିଯୁକ୍ତି ସଂରକ୍ଷଣ ସୀମାକୁ ୫୦ ପ୍ରତିଶତ ମଧ୍ୟରେ ରଖି ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସରକାର ସଂଶୋଧିତ ମେଧା ତାଲିକା ପ୍ରକାଶ କରିବେ ବୋଲି ଆଶାୟୀମାନେ ଆଶା ରଖିଥିଲେ। ମାତ୍ର ଏହାର ସମ୍ପୂର୍ଣ୍ଣ ଓଲଟା ହୋଇଥିଲା। ହାଇକୋର୍ଟଙ୍କ ରାୟ ବିରୋଧରେ ଓପିଏସ୍‌ସି ପକ୍ଷରୁ ସୁପ୍ରିମ୍‌କୋର୍ଟରେ ସ୍ୱତନ୍ତ୍ର ଲିଭ୍ ପିଟିସନ୍ (ଏସ୍‌ଏଲ୍‌ପି) ଦାୟର କରାଯାଇଥିଲା। ଥରେ ନୁହେଁ, ଦୁଇଥର ଏସ୍‌ଏଲ୍‌ପି ଦାୟର କରାଯାଇଥିଲେ ମଧ୍ୟ ଉଭୟ ଥର ମାମଲାକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ପ୍ରଥମଥର ୨୦୨୪ ଅକ୍ଟୋବରରେ ଏବଂ ଦ୍ୱିତୀୟ ଥର ଗତ ମାର୍ଚ୍ଚ ୨୩ ତାରିଖରେ ସର୍ବୋଚ୍ଚ ଅଦାଲତରେ ମାମଲା ଖାରଜ ହୋଇଛି। ଅର୍ଥାତ୍ ହାଇକୋର୍ଟଙ୍କ ରାୟ ଅନୁଯାୟୀ ନିଯୁକ୍ତି ମେଧା ତାଲିକା ସଂଶୋଧନ କରାଯାଇ ସରକାର ନିଯୁକ୍ତି ପ୍ରଦାନ କରିବେ। ଏପରିକି ଚାକିରି ପାଇଥିବା କିଛି ପ୍ରାର୍ଥୀ ମେଧା ତାଲିକାରୁ ବାଦ ମଧ୍ୟ ପଡ଼ି ପାରନ୍ତି। ମାତ୍ର ସରକାରଙ୍କ କାଳକ୍ଷେପଣ ନୀତି ପାଇଁ ସେମାନେ ଆର୍ଥିକ ଭାବେ ଶୋଷଣ ହେଉଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

# ଆତ୍ମସମର୍ପଣ କଲେ ୪୨ ମାଓବାଦୀ

ମାଲକାନଗିରି, ୧୦।୪(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ପୁଲିସ୍ ନିକଟରେ ୪୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ହାଇଦ୍ରାବାଦରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମ୍ମୁଖରେ ଏହି ମାଓବାଦୀମାନେ ୩୬ଟି ଅତ୍ୟାଧୁନିକ ବନ୍ଧୁକ ସହ ଆତ୍ମସମର୍ପଣ କରିଛନ୍ତି। ଏମାନେ ପୁଲିସ ନିକଟରେ ୫ଟି ଏକେ-୪୭, ୪ଟି ଏସ୍‌ଏଲ୍‌ଆର ରାଇଫଲ, ୩ଟି ଇନସାସ୍, ୬ଟି ୩୦୩ ରାଇଫଲ, ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ, ୨ଟି ରିଭଲଭର୍, ଗୋଟିଏ ବିଜିଏଲ ବନ୍ଧୁକ, ଗୋଟିଏ ଏୟାର-ଗନ୍ ସମେତ ୧୦୦୭ଟି ଗୁଳି ଏବଂ ୮୦୦ ଗ୍ରାମ୍ ସୁନା ମଧ୍ୟ ହସ୍ତାନ୍ତର କରିଛନ୍ତି।

## ୧୭ରେ ବିଜୁଙ୍କ ୨୯ତମ ତିରୋଧାନ ଦିବସ | ରାଜ୍ୟବ୍ୟାପୀ ‘ପ୍ରବାଦ ପୁରୁଷ’ ଦିବସ ପାଳିବ ବିଜେଡି

ଭୁବନେଶ୍ୱର, ୧୦।୪(ସମିସ): ଆସନ୍ତା ୧୭ ତାରିଖରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ। ଏହି ଦିବସକୁ ସାରା ରାଜ୍ୟରେ ‘ପ୍ରବାଦ ପୁରୁଷ ଦିବସ’ ଭାବେ ପାଳନ କରିବାକୁ ବିଜେଡି ନିଷ୍ପତ୍ତି ନେଇଛି। ପ୍ରତିବର୍ଷ ପରି ବିଜୁ ଜନତା ଦଳ ତରଫରୁ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ପାଳିତ ହେବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଦଳର ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସଦସ୍ୟ ସୁଲତା ଦେଓ, ଯୁବ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ପ୍ରମୁଖ ବିଜୁଙ୍କ ତିରୋଧାନ ଦିବସରେ ଆୟୋଜିତ ହେବାକୁ ଥିବା କାର୍ଯକ୍ରମ ବିଷୟରେ ସୂଚନା ଦେଇଛନ୍ତି।



**ତିଳ ତର୍ପଣ, ଫଳ ବଣ୍ଟନ ଓ ରକ୍ତଦାନ ଶିବିର ଆୟୋଜନ ହେବ**

**‘ଆଧୁନିକ ଓଡିଶା ନିର୍ମାଣରେ ବିଜୁ ବାବୁଙ୍କ ଭୂମିକା’ ଆଲୋଚନା**

**ଆୟୋଜନ ପାଇଁ ରାଜ୍ୟ କର୍ମକର୍ତ୍ତାଙ୍କୁ ଦେବୀ ମିଶ୍ରଙ୍କ ଚିଠି**

ଏହି ଅବସରରେ ଶ୍ରୀ ମିଶ୍ର କହିଥିଲେ, ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ଏହି ଦିନ ‘ପ୍ରବାଦ ପୁରୁଷ ଦିବସ’ କାର୍ଯ?କ୍ରମ କରିବାକୁ ଦଳ ତରଫରୁ ସ୍ଥାନୀୟ ନେତୃତ୍ୱଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମର ରୂପରେଖ କ୍ଷେତ୍ରୀୟ ସ୍ତରରେ ନିଷ୍ପତ୍ତି ନେବାକୁ କୁହାଯାଇଥିବା ବେଳେ, ତିଳ ତର୍ପଣ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଅସହାୟ ବା ରୋଗୀଙ୍କୁ ଫଳ ବଣ୍ଟନ, ରକ୍ତଦାନ ଶିବିର ଇତ୍ୟାଦି ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା, ‘ସ୍ୱାଧୀନତା ସଂଗ୍ରାମ ତଥା ଆଧୁନିକ ଓଡିଶା ନିର୍ମାଣରେ ବିଜୁ ବାବୁଙ୍କ ଭୂମିକା’ ଶୀର୍ଷକରେ ଏକ ବୌଦ୍ଧିକ ଆଲୋଚନାଚକ୍ର ଆୟୋଜନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଦଳର ଛାମୁଆ ସଂଗଠନର ନେତୃବୃନ୍ଦ ମାନେ ସହଯୋଗ କରିବେ। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଅବଦାନକୁ ସ୍ମରଣ କରିବା ସହିତ ତିରୋଧାନ ଦିବସରେ ତାଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ ବୋଲି କୁହାଯାଇଛି।

ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନରେ ମଧ୍ୟ ଭୁବନେଶ୍ୱର ଜିଲ୍ଲା ବିଜେଡି ତରଫରୁ ପ୍ରତିବର୍ଷ ପରି ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ସକାଳେ ବିନ୍ଦୁ ସାଗରରେ ତିଳ ତର୍ପଣ କାର୍ଯ୍ୟକ୍ରମ ହେବ। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବ। ଶଙ୍ଖ ଭବନଠାରେ ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟପଟେ ବରିଷ୍ଠ ଉପସଭାପତି ଶ୍ରୀ ମିଶ୍ର ଦଳର ସମସ୍ତ କର୍ମକର୍ତ୍ତାଙ୍କ ସମେତ ସାଂସଦ, ବିଧାୟକ, ସାଂସଦ ପ୍ରାର୍ଥୀ, ବିଧାୟକ ପ୍ରାର୍ଥୀ, ନିର୍ବାଚନମଣ୍ଡଳୀ ନେତୃତ୍ୱଙ୍କଠାରୁ ଆରମ୍ଭ କରି ବ୍ଲକ, ଓ ନଗର ସଭାପତି ପ୍ରମୁଖଙ୍କୁ ପତ୍ର ଲେଖି ଏହି କାର୍ଯ୍ୟକ୍ରମ ଆୟୋଜନ ନେଇ ସୂଚନା ଦେଇଛନ୍ତି।

## ଜାତୀୟ ପୁଲିସ ଫୁଟବଲ ଚାମ୍ପିଅନସିପ୍‌ରେ ଓଡ଼ିଶା ପୁଲିସର କୃତିତ୍ୱ

# ଦୁଇଜଣଙ୍କୁ ଗୋଲ୍‌ଡେନ୍ ବୁଟ୍



କଟକ, ୧୦।୪ (ସମିସ): ତେଲେଙ୍ଗାନାର ହାଇଦ୍ରାବାଦଠାରେ ଅନୁଷ୍ଠିତ ୭୪ତମ ବି.ଏନ୍ ମଲ୍ଲିକ ସର୍ବଭାରତୀୟ ପୁଲିସ ଫୁଟବଲ୍ ଚାମ୍ପିଅନସିପ୍ ୨୦୨୫-୨୬ରେ ଓଡ଼ିଶା ପୁଲିସର ପୁରୁଷ ଓ ମହିଳା ଫୁଟବଲ ଦଳ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଅବସରରେ ରାଜ୍ୟ ପୁଲିସ ମହିଳା ଓ ପୁରୁଷ ଫୁଟବଲ୍ ଟିମ୍‌ର କ୍ରୀଡ଼ାବିତ୍‌ମାନେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

ଡିଜିପି ଶ୍ରୀ ଖୁରାନିଆ ସଫଳ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷ ନିମନ୍ତେ ଭୂୟସୀ ପ୍ରଶଂସା କରିଛନ୍ତି। କ୍ରୀଡ଼ାବିତ୍‌ଙ୍କ ଏହି କୃତିତ୍ୱ ରାଜ୍ୟ ପୁଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି।

**ପୁଲିସ ମୁଖ୍ୟାଳୟରେ ସମ୍ବର୍ଦ୍ଧନା**

ଭୁବନେଶ୍ୱର ୟୁପିଡିର ପ୍ୟାରୀ ଖାଖା ମହିଳା ବର୍ଗରେ ଚମତ୍କାର ପ୍ରଦର୍ଶନ କରି ସମୁଦାୟ ୭ଟି ଗୋଲ୍ ସହ ପ୍ରତିଯୋଗିତାର ଶ୍ରେଷ୍ଠ ସ୍କୋରର ଭାବେ ‘ଗୋଲଡେନ୍ ବୁଟ୍’ ହାସଲ କରିଛନ୍ତି। ପ୍ୟାରୀ ବର୍ତ୍ତମାନ ଭାରତୀୟ ଜାତୀୟ ଫୁଟବଲ୍ ଶିବିରରେ ପ୍ରତିନିଧିତ୍ୱ କରୁଛନ୍ତି। ସେହିଭଳି ୧ମ ଆଇ.ଆର. ବାଟାଲିୟନ, କୋରାପୁଟର ବିଜୟ ବେହେରା ପୁରୁଷ ବର୍ଗରେ ସମୁଦାୟ ୮ଟି ଗୋଲ୍ ସହ ଶ୍ରେଷ୍ଠ ସ୍କୋରର ଭାବେ ‘ଗୋଲଡେନ୍ ବୁଟ୍’ ବିଜୟୀ ହୋଇଛନ୍ତି। ମହିଳା ବର୍ଗରେ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଆସାମ ରାଇଫଲସ ଚାମ୍ପିଅନ୍ ହୋଇଥିବା ବେଳେ ଓଡ଼ିଶା ପୁଲିସ୍ ମହିଳା ଦଳ ରନର୍ସ-ଅପ୍ ହୋଇଥିଲା। ସେହିପରି ଓଡ଼ିଶା ପୁଲିସ ପୁରୁଷ ଫୁଟବଲ୍ ଦଳ ଚତୁର୍ଥ ସ୍ଥାନ ହାସଲ କରିଛି।

ଆଜିର ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ପୁଲିସର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗତ ମାର୍ଚ୍ଚ ୨୩ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦଠାରେ ଏହି ଚାମ୍ପିଅନ୍‌ସିପ୍ ଆୟୋଜିତ ହୋଇଥିଲା।

